# ODM PUBLIC SCHOOL

SESSION : 14

CLASS : V

SUBJECT : ଓଡ଼ିଆ

CHAPTER NUMBER:07

CHAPTER NAME: ଜାପାନ ଅନୁଭୂତି

SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ

CHANGING YOUR TOMORROW

# LEARNING OBJECTIVE

ବିଷୟ ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ଜାପାନ ଅନୁଭୂତି ।

ସନାତନ ପଣ୍ଡା

ସୂର୍ଯ୍ୟୋଦୟର ଦେଶ ଜାପାନ । ସେହି ଦେଶକୁ ଥରେ ଯିବାଲାଗି ବହୁ ଦିନରୁ ମନରେ ଅଭିଳାଷ ଥିଲା । ସୁଯୋଗ ମିଳି ନ ଥିଲା । କଥାରେ କହନ୍ତି-ମନ ଜାଣି ଫଳ,ଶେଷରେ ଦିନେ ସେହି ସୁଯୋଗଟି ମୋତେ ମିଳିଲା । ସେଦିନ ଥିଲା ୨୦୦୯ ମସିହାର ଜୁନ ମାସ୯ ତାରିଖ । ଭାରତ  ର ବିଭିନ୍ନ ଅଞ୍ଚଳରୁ କେତେଜଣ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କ ସହିତ ସେଦିନ ସନ୍ଧ୍ୟାରେ ଆମ୍ଭେ  ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କଲୁ । ମୋ ଦଳରେ ଯାତ୍ରା କରୁଥିବା ଶିକ୍ଷିକା ଶ୍ରୀମତୀ ସୋନିଆଙ୍କ ସମେତ ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଇଁ ଏହା ପ୍ରଥମ ବିମାନ ଯାତ୍ରା ଥିଲା ।ସମସ୍ତଙ୍କ ମନରେ ଭରି ରହିଥାଏ ଅନେକ ଉତ୍କଣ୍ଠା । ବିମାନ ଘଣ୍ଟାକୁ ୧୦୦୦ କି.ମି. ବେଗରେ ଗତି କରୁଥାଏ । ଠିକ୍ ସକାଳ ୭ଟା ବେଳକୁ ଜାପାନର ରାଜଧାନୀ ଟୋକିଓ ନିକଟସ୍ଥ ନରିତା ବିମାନ ବନ୍ଦରରେ ଓହ୍ଲାଇଲୁ । ଜାପାନୀ ଘଣ୍ଟାରେ ସିନା ସେତେବେଳକୁ ସକାଳ ୭ଟା,କିନ୍ତୁ ଆମ ଘଣ୍ଟାରେ ସମୟ ହୋଇଥାଏ ୩ଟା ବାଜି ୩୦ମିନିଟ୍ ।

# କଠିନ ଶବ୍ଦର ଅର୍ଥ

ODM EDUCATIONAL GROUP
Changing your Tomorrow

ଅଭିଳାଷ – ଇଚ୍ଛା
ବିମାନ –ଉଡାଜାହାଜ
ଉତ୍କଣ୍ଠା –ମନର ଆବେଗ
ନିକଟସ୍ଥିତ –ନିକଟରେ ଥିବା

# ଜାପାନ ଅନୁଭୂତି

ODM EDUCATIONAL GROUP
Changing your Tomorrow

ଏହାର କାରଣ ହେଲା ଭାରତୀୟ ସମୟର ୩ଘଣ୍ଟା ୩୦ମିନିଟ୍ ପୂର୍ବରୁ ଜାପାନରେ ସୂର୍ଯ୍ୟୋଦୟ ହୋଇଥାଏ । ଆମେ ସଙ୍ଗେ ସଙ୍ଗେ ଜାପାନୀ ସମୟ ଅନୁସାରେ ଆମ ଘଣ୍ଟାର ସମୟ ଠିକ୍ କରିନେଲୁ । ଏହାପରେ ଆମକୁ ସ୍ୱାଗତ କରିବା ପାଇଁ ଅପେକ୍ଷାରତ ଜାପାନୀ ସଂଯୋଜିକାମାନଙ୍କ ସହ ବସ୍ ଯୋଗେ ଟୋକିଓର ଏକ ହୋଟେଲ ଅଭିମୁଖେ ଅଗ୍ରସର ହେଲୁ । ଟୋକିଓର ରାସ୍ତାଘାଟ ପୂରା ଚକ୍ ଚକ୍ ଦେଖାଯାଉଥାଏ । ଖାଲ ଢିପ ତ ଦୂରର କଥା ।ରାସ୍ତାରେ ଧୂଳିମାଟି ମଧ ଦେଖାଯାଉ ନ ଥାଏ । ଟୁକୁରା କାଗଜ ଖଣ୍ଡେ ମଧ କେଉଁଠି ପଡ଼ି ନ ଥାଏ। ସକାଳ ସମୟ ହୋଇଥିଲେ ମଧ କେଉଁଠି ହେଲେ ଜଣେ ସଡ଼କ ଝାଡୁଦାର ଦେଖାଯାଉ ନ ଥାନ୍ତି । ରାସ୍ତାରେ ଲୋକ ସାଇକେଲ ଅଥବା ଚାରିଚକିଆ ଯାନରେ ଯାଉଥାନ୍ତି । ଏପରିକି କୋଟ୍-ଟାଇ ପିନ୍ଧା ବାବୁମାନେ ତଥା ବୟସ୍କ ଲୋକମାନେ ମଧ ରାସ୍ତାରେ ସାଇକେଲ ଚଳାଇ ଯାଉଥିବାର ଦେଖିଲୁ।   ଏହା ଦେଖି ଜାପାନୀମାନେ ଯେ କେତେ ପରିଶ୍ରମୀ ଓ ପରିବେଶ ପ୍ରେମୀ ସେ ବିଷୟରେ ଆମେ ପରସ୍ପର କଥା ହେଉଥାଉ ।

# କଠିନ ଶବ୍ଦର ଅର୍ଥ

ଅଭିବାଦନ -ସ୍ୱାଗତ
ଅପେକ୍ଷାରତ –ଅପେକ୍ଷା କରିଥିବା
ସଂଯୋଜିକା –ସଂଯୋଗ ରକ୍ଷା କାରିଣୀ
ହୋଟେଲ ଅଭିମୁଖେ – ହୋଟେଲ ଆଡ଼କୁ
ଅଗ୍ରସର –ଆଗେଇବା
ପରିବେଶ –ପରିଧି ,ପ୍ରକୃତି

# ଗୃହକର୍ମ

କଠିନ ଶବ୍ଦଗୁଡ଼ିକୁ ପଢ଼ ଓ ମନେ ରଖ ।

# LEARNING OUTCOME:

ବିଷୟ ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP